*1952*
*ଡିସେମ୍ବର 5.*

**ଗୋଦାବରୀ ପାରୁଲେକର**

**ବନାମ**

**ବମ୍ବେ ରାଜ୍ୟ ଏବଂ ଅନ୍ୟମାନେ**

**[ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ, ମୁଖାର୍ଜୀଆ, ଚନ୍ଦ୍ରଶେଖର ଆୟର୍, ଭିଭିଆନ୍ ବୋଷ ଏବଂ ଗୁଲାମ୍ ହାସନ୍, ନ୍ୟାୟମୂର୍ତ୍ତିବୃନ୍ଦ]**

*ପ୍ରତିରୋଧାତ୍ମକ ଅଟକ (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1952 ଦ୍ୱାରା ସଂଶୋଧିତ ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1950, ଧାରା 11-A - ପକ୍ଷପାତୀ କି ନୁହେଁ - ବୈଧତା - ଭାରତର ସମ୍ବିଧାନ, 1950, ଅନୁଚ୍ଛେଦ 14, 22 (7) (b) – ''ଯଦି ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ ହୋଇନଥାଏ'' ର ଅର୍ଥ।*

ପ୍ରତିରୋଧାତ୍ମକ ଅଟକ (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1952 ଦ୍ୱାରା 1950 ମସିହାର ପ୍ରତିରୋଧାତ୍ମକ ଅଟକ ଅଧିନିୟମରେ ଧାରା 11-A ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ବ୍ୟବସ୍ଥା କରାଯାଇଥିଲା ଯେ ଧାରା 11 ଅନୁଯାୟୀ ନିଶ୍ଚିତ ହୋଇଥିବା କୌଣସି ଅଟକାଦେଶ ଅନୁସରଣରେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଅଟକ ତାରିଖ ଠାରୁ ସର୍ବାଧିକ 12 ମାସର ଅବଧି ପର୍ଯ୍ୟନ୍ତ ଅଟକ ରଖିହେବ। କିନ୍ତୁ ଉପଧାରା (2) ଅଟକକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରି ଏହାକୁ ସର୍ତ୍ତମୂଳକ କରିଥିଲା: (a) ଯେଉଁଗୁଡ଼ିକରେ ଅଟକାଦେଶକୁ 1952 ମସିହା ସେପ୍ଟେମ୍ବର ମାସ 30 ତାରିଖ ପୂର୍ବରୁ ସୁନିଶ୍ଚିତ କରାଯାଇଥିଲା, ଏବଂ (b) ଯେଉଁଗୁଡ଼ିକରେ ସେହି ତାରିଖ ପରେ ନିଶ୍ଚିତକରଣ ହୋଇଥିଲା, ଏବଂ ଏଥିରେ ବ୍ୟବସ୍ଥା ରହିଥିଲା ଯେ ପୂର୍ବ କ୍ଷେତ୍ରରେ, ଯଦି ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରାଯାଇନଥାଏ, ତେବେ 1953 ମସିହା ଏପ୍ରିଲ ମାସ 1 ତାରିଖ ପର୍ଯ୍ୟନ୍ତ କିମ୍ବା ଅଟକାଦେଶ ତାରିଖ ଠାରୁ ବାର ମାସ ପର୍ଯ୍ୟନ୍ତ, ଏଥିରୁ ଯାହା ପରେ ସମାପ୍ତ ହେବ, ଅଟକ ଜାରି ରହିବ।

*ଏହା ବିଚାର କରାଯାଇଥିଲା ଯେ,* (i) ଏହି ଧାରା ସମ୍ବିଧାନର ଅନୁଚ୍ଛେଦ 14 କିମ୍ବା ଅନୁଚ୍ଛେଦ 22 (7) (b) କୁ କେବଳ ଏହି କାରଣରୁ ଉଲ୍ଲଙ୍ଘନ କରିନଥିଲା ଯେ ଏହା ଏକ ନୂତନ ଶ୍ରେଣୀ ବିଭାଗ ପ୍ରବର୍ତ୍ତନ କରିଥିଲା ଯାହା ଅଟକକୁ ଅଧିନିୟମ ପୂର୍ବରୁ ଏବଂ ପରେ ହେବାରେ ବିଭକ୍ତ କରିଥିଲା, ଯେହେତୁ ଏହି ଶ୍ରେଣୀ ବିଭାଗ ଯୁକ୍ତିସଙ୍ଗତ ଥିଲା। ଏହି ଧାରାର ପରିଣାମ ସ୍ୱରୂପ, କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଅଟକ ଅବଧି ଅଧିକ ହୋଇପାରେ ଏବଂ ଅନ୍ୟମାନଙ୍କ କ୍ଷେତ୍ରରେ ଏହା କମ୍ ହୋଇପାରେ - କେବଳ ଏଥିପାଇଁ ଏହି ଧାରାରେ ସେହି ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି

ପକ୍ଷପାତିତା ଜଡ଼ିତ ନଥିଲା, ଯେଉଁମାନଙ୍କ ଅଟକକୁ 1952 ମସିହା ସେପ୍ଟେମ୍ବର ମାସ 30 ତାରିଖ ପୂର୍ବରୁ ସୁନିଶ୍ଚିତ କରାଯାଇଥିଲା ।

*ଶାମରାଓ ପାରୁଲେକର ବନାମ ଜିଲ୍ଲା ମାଜିଷ୍ଟ୍ରେଟ୍, ଥାନା ଏବଂ ଅନ୍ୟମାନେ* ([1952] S.C.R. 683) ମାମଲାକୁ ଅନୁସରଣ କରାଯାଇଥିଲା ।

(ii) ସଂଶୋଧନ ଅଧିନିୟମ ନ ଆସିଥିଲେ ଅଟକ ଅବଧି 1952 ମସିହା ମାର୍ଚ୍ଚ ମାସ 31 ତାରିଖରେ କିମ୍ବା 1952 ମସିହା ସେପ୍ଟେମ୍ବର ମାସ 30 ତାରିଖରେ ସମାପ୍ତ ହୋଇଥାନ୍ତା - କେବଳ ଏହି କାରଣରୁ 1951 ମସିହା ଅକ୍ଟୋବର ମାସ 16 ତାରିଖରେ ଦିଆଯାଇଥିବା ଏକ ଅଟକାଦେଶ, ଯେଉଁଥିରେ ଅଟକ ରଖିବାର କୌଣସି ଅବଧି ନିର୍ଦ୍ଦିଷ୍ଟ ନଥିଲା, ଧାରା 11-A (2) ରେ ଥିବା "ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରାଯାଇଥିଲା" ର ଅର୍ଥ ମଧ୍ୟରେ ନଥିଲା ।

ମୂଳ ଅଧିକରିତା: ଆବେଦନ ସଂଖ୍ୟା 399/1952 । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ପାଇଁ ଆବେଦନ ।

ଆବେଦନକାରୀ, *ଗୋଦାବରୀ ପାରୁଲେକର,* ବ୍ୟକ୍ତିଗତ ଭାବେ ।

ଉତ୍ତରଦାତାଙ୍କ ତରଫରୁ *ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତାଲୱାଡ୍* (ତାଙ୍କ ସହିତ *ଜି. ଏନ୍. ଗୋଦାବରୀ ଯୋଶୀ* ଏବଂ *ପି. ଏ. ମେହେଟ୍ଟା*) ।

1952. ଡିସେମ୍ବର 5. ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ବୋଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହା ଏକ ବନ୍ଦୀ ଉପସ୍ଥାପନ ଆବେଦନ । 1951 ମସିହାରେ ସଂଶୋଧିତ ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1950 ଅନୁଯାୟୀ ଆବେଦନକାରୀଙ୍କୁ 1951 ମସିହା ଅକ୍ଟୋବର ମାସ 16 ତାରିଖରେ ଅଟକ ରଖାଗଲା । ତାଙ୍କ ଅଟକ ପ୍ରକୃତରେ ଏହାଠାରୁ ଅଧିକ ଅବଧିର ଥିଲା କିନ୍ତୁ ପୂର୍ବ ଅଟକଗୁଡ଼ିକ ଏକ ଭିନ୍ନ ଆଦେଶ ସମୂହ ଅଧୀନରେ ଥିଲା ଯାହା ବର୍ତ୍ତମାନର ମାମଲା ସହିତ ପ୍ରାସଙ୍ଗିକ ନୁହେଁ । ବର୍ତ୍ତମାନର ଅଟକ, ଥାନା ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଆଦେଶ ଉପରେ ଆଧାରିତ ଏବଂ କୌଣସି ଅବଧି ନିର୍ଦ୍ଦିଷ୍ଟ ନକରି ଆବେଦନକାରୀଙ୍କୁ କେବଳ ଅଟକ ରଖିବା ପାଇଁ କୁହାଯାଇଛି । 1952 ମସିହା ଜାନୁଆରୀ 4 ତାରିଖରେ ନିଶ୍ଚିତକରଣ ଆଦେଶ ପାରିତ ହୋଇଥିଲା, ଏବଂ ପୁନର୍ବାର କୌଣସି ଅବଧି ନିର୍ଦ୍ଦିଷ୍ଟ କରାଯାଇ ନଥିଲା ।

ଆବେଦନକାରୀଙ୍କ ମାମଲା ହେଉଛି ଯେ ଯେହେତୁ ଆଦେଶରେ କୌଣସି ଅବଧି ନିର୍ଦ୍ଦିଷ୍ଟ କରାଯାଇ ନଥିଲା, ତେଣୁ 1951 ର ସଂଶୋଧନ ଅଧିନିୟମ ଯୋଗୁଁ ତାଙ୍କ ଅଟକ ଅବଧି 1952 ମସିହା ମାର୍ଚ୍ଚ 31 ତାରିଖରେ ସମାପ୍ତ ହୋଇଥିଲା; କିମ୍ବା 1952 ର ଅଧିନିୟମ XXXIV, ଯାହା ଏକ ପରବର୍ତ୍ତୀ ସଂଶୋଧନ କରିଥିଲା, ଏହି କାରଣ ଯୋଗୁଁ ଯେ 1952 ମସିହା ସେପ୍ଟେମ୍ବର 30 ତାରିଖ ପରେ ତାହା ସମାପ୍ତ ହୋଇଥିଲା ।

ବମ୍ବେ ରାଜ୍ୟ ତରଫରୁ ଉତ୍ତରରେ କୁହା ଯାଇଛି ଯେ 1950 ର ପ୍ରତିରୋଧାତ୍ମକ ଅଟକ ଅଧିନିୟମକୁ 1952 ର ଅଧିନିୟମ LXI ଦ୍ୱାରା ପୁନର୍ବାର ସଂଶୋଧନ କରାଯାଇଥିଲା ଏବଂ ଏହି ସଂଶୋଧନର ପ୍ରଭାବ ଆବେଦନକାରୀଙ୍କ ଅଟକ ଅବଧିକୁ 1950 ର ମୂଳ ଅଧିନିୟମରେ ଯୋଡ଼ା ଯାଇଥିବା ଧାରା 11-A ଦ୍ୱାରା 1953 ମସିହା ମାର୍ଚ୍ଚ 31 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାର ଥିଲା ।

ଆବେଦନକାରୀ ପ୍ରତିଉତ୍ତରରେ ଏହା କହିଛନ୍ତି ଯେ ନୂତନ ଅଧିନିୟମ ସେହି ମାମଲାଗୁଡ଼ିକରେ ପ୍ରଯୁଜ୍ୟ ନୁହେଁ ଯେଉଁଥିରେ ଅଟକାଦେଶଟି ଅଟକ ଅବଧି ବିଷୟରେ ନୀରବ ନୁହେଁ ଏବଂ ତେଣୁ ଧାରା 11-A ତାଙ୍କ ଅଟକାଦେଶର ଅବଧିକୁ ବୃଦ୍ଧି କରେ ନାହିଁ। ସେ ଧାରା 11-A (2) ର ନିମ୍ନଲିଖିତ ଅଂଶ ଉପରେ ନିର୍ଭର କରିଛନ୍ତି:

"......ପ୍ରତିରୋଧାତ୍ମକ ଅଟକ (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1952 ପ୍ରବର୍ତ୍ତନ ହେବା ପୂର୍ବରୁ ଧାରା 11 ଅନୁଯାୟୀ ନିଶ୍ଚିତ ହୋଇଥିବା ପ୍ରତ୍ୟେକ ଅଟକାଦେଶ, *ଯଦି ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ ହୋଇନଥାଏ*, 1953 ମସିହା ଏପ୍ରିଲ 1 ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ" ।

ଆବେଦନକାରୀ ସ୍ୱୀକାର କରିଛନ୍ତି ଯେ ତାଙ୍କ ଅଟକାଦେଶରେ କୌଣସି ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରାଯାଇ ନାହିଁ, କିନ୍ତୁ ଯୁକ୍ତି କରିଛନ୍ତି ଯେ ଯେହେତୁ ତାଙ୍କ ଅଟକ ଅବଧି 1952 ମସିହା ମାର୍ଚ୍ଚ 31 ତାରିଖରେ କିମ୍ବା 1952 ମସିହା ସେପ୍ଟେମ୍ବର 30 ତାରିଖରେ ସମାପ୍ତ ହୋଇଥାନ୍ତା, ସେହି ଦୁଇଟି ତାରିଖ ମଧ୍ୟରୁ ଗୋଟିଏ ତାରିଖକୁ ଆଦେଶରେ ପଢିବା ବର୍ତ୍ତମାନ ଆବଶ୍ୟକ ଅଟେ ଏବଂ ଯେତେବେଳେ ଏହା କରାଯାଏ, ଆମ୍ଭେ ଏପରି ଏକ ଆଦେଶ ପାଉଛୁ ଯାହା ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରେ, ତେଣୁ ଧାରା 11-A (2) ତାଙ୍କ ଅଟକକୁ ବୃଦ୍ଧି କରେ ନାହିଁ।

ଆମ୍ଭେ ଏହି ଯୁକ୍ତିକୁ ଗ୍ରହଣ କରିପାରିବୁ ନାହିଁ । ଏହି ଧାରା ସ୍ପଷ୍ଟ ଅଟେ ଏବଂ ଯେପର୍ଯ୍ୟନ୍ତ ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରାଯାଇ ନଥାଏ, ସେପର୍ଯ୍ୟନ୍ତ ଧାରା 11-A (2) ପ୍ରଯୁଜ୍ୟ ହୁଏ । "କିମ୍ବା ପୂର୍ବ ଅଧିନିୟମର କାର୍ଯ୍ୟକାଳ ସମାପ୍ତ ହେବା କାରଣରୁ ନିର୍ଦ୍ଦିଷ୍ଟ ହୋଇଥିବାର

ବିବେଚନା କରାଯିବା ଉଚିତ” ଶବ୍ଦଗୁଡ଼ିକୁ ଆମ୍ଭେ ଏହି ଧାରାରେ ଯୋଡ଼ିପାରିବୁ ନାହିଁ । ତେଣୁ ଆମ୍ଭେ ବିଚାର କରୁଛୁ ଯେ ଧାରା 11-A (2) ବୈଧ ଭାବରେ ଅଟକ ଅବଧିକୁ 1953 ମସିହା ଏପ୍ରିଲ୍ 1 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା ।

ଆବେଦନକାରୀଙ୍କ ପରବର୍ତ୍ତୀ ପ୍ରସଙ୍ଗ ସମ୍ବିଧାନର ଅନୁଚ୍ଛେଦ 14 ଏବଂ 22 (7) (b) ଉପରେ ଆଧାରିତ । ଏହା ଏହିପରି ଭାବରେ ଉତ୍ପନ୍ନ ହୁଏ । ପ୍ରତିରୋଧାତ୍ମକ ଅଟକ ଅଧିନିୟମ, 1950 ର ଧାରା 3 (1) (A) ଅନୁମତିପ୍ରାପ୍ତ ଅଟକର ଆଧାରକୁ ତିନୋଟି ଶ୍ରେଣୀରେ ବିଭାଗ କରେ । ଅନୁଚ୍ଛେଦ 22 (7) (b) ସଂସଦକୁ କୌଣସି ବ୍ୟକ୍ତିଙ୍କୁ “କୌଣସି ଶ୍ରେଣୀ କିମ୍ବା ଶ୍ରେଣୀଗୁଡ଼ିକର ମାମଲାରେ” ଅଟକ ରଖିବା ପାଇଁ ସର୍ବାଧିକ ଅବଧି ନିର୍ଦ୍ଧାରଣ କରିବାକୁ କ୍ଷମତା ପ୍ରଦାନ କରେ । ଆବେଦନକାରୀ ଯୁକ୍ତି କରିଛନ୍ତି ଯେ ଏହା ପ୍ରତ୍ୟେକ ଶ୍ରେଣୀ ପାଇଁ ସର୍ବାଧିକ କେବଳ ଗୋଟିଏକୁ ଅନୁମତି ଦେଇଥାଏ ଏବଂ ଯଦି ଏକ ଶ୍ରେଣୀ ମଧ୍ୟରେ “ସମାନ” ଶବ୍ଦ ପାଇଁ ଭିନ୍ନ ଭିନ୍ନ ସୂକ୍ତି ରହିଥାଏ, ତେବେ ଏହା କେବଳ ଅନୁଚ୍ଛେଦ 22 (7) (b) କୁ ନୁହେଁ ବରଂ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିଗୁଡ଼ିକ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଅନୁଚ୍ଛେଦ 14 କୁ ମଧ୍ୟ ଉଲ୍ଲଂଘନ କରେ । ତାଙ୍କର ପରବର୍ତ୍ତୀ ଯୁକ୍ତି ହେଉଛି ଯେ ଦ୍ୱିତୀୟ ସଂଶୋଧନ ଅଧିନିୟମ, 1952 (1952 ର ଅଧିନିୟମ LXI) ଦ୍ୱାରା ବର୍ତ୍ତମାନ ପ୍ରବର୍ତ୍ତନ କରାଯାଇଥିବା ଧାରା 11-A ଏହା ହିଁ କରେ ଏବଂ ତେଣୁ ଏହା *କ୍ଷମତାତୀତ* ଅଟେ । ତାଙ୍କର ଯୁକ୍ତି ନିମ୍ନରେ ଦିଆଗଲା ।

ଧାରା 11-A ର ଉପଧାରା (1) ରେ କୁହାଯାଇଛି ଯେ ଉପଧାରା 11 ଅନୁଯାୟୀ ନିଶ୍ଚିତ ହୋଇଥିବା କୌଣସି ଅଟକାଦେଶ ଅନୁସରଣରେ କୌଣସି ବ୍ୟକ୍ତିଙ୍କୁ ଅଟକ ରଖାଯିବାର ସର୍ବାଧିକ ଅବଧି ଅଟକ ତାରିଖ ଠାରୁ ବାର ମାସ ପର୍ଯ୍ୟନ୍ତ ହେବ । କିନ୍ତୁ ଉପଧାରା (2) ଅଟକକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରି ଏହାକୁ ସର୍ତ୍ତମୂଳକ କରିଛି; (a) ଯେଉଁଗୁଡ଼ିକରେ ଅଟକାଦେଶକୁ 1952 ମସିହା ସେପ୍ଟେମ୍ବର ମାସ 30 ତାରିଖ ପୂର୍ବରୁ ସୁନିଶ୍ଚିତ କରାଯାଇଥିଲା, ଏବଂ (b) ଯେଉଁଗୁଡ଼ିକରେ ସେହି ତାରିଖ ପରେ ନିଶ୍ଚିତକରଣ ହୋଇଥିଲା, ଏବଂ ଏଥିରେ ବ୍ୟବସ୍ଥା ରହିଛି ଯେ ପୂର୍ବ କ୍ଷେତ୍ରରେ, ଯଦି ଆଦେଶରେ ଏକ ସ୍ୱଳ୍ପ ଅବଧି ନିର୍ଦ୍ଦିଷ୍ଟ କରାଯାଇନଥାଏ, ତେବେ 1953 ମସିହା ଏପ୍ରିଲ ମାସ 1 ତାରିଖ ପର୍ଯ୍ୟନ୍ତ କିମ୍ବା ଅଟକାଦେଶ ତାରିଖ ଠାରୁ ବାର ମାସ ପର୍ଯ୍ୟନ୍ତ, ଏଥି ମଧ୍ୟରୁ ଯାହା ପରେ ସମାପ୍ତ ହେବ, ଅଟକ ଜାରି ରହିବ । ସେ କହିଛନ୍ତି ଯେ, ଏହା ଏକ ନୂତନ ଶ୍ରେଣୀ ବିଭାଗ ପ୍ରବର୍ତ୍ତନ କରିଛି ଯାହା ଅଟକ ଅବଧିକୁ ଅଧିନିୟମ ପୂର୍ବରୁ ଏବଂ ଅଧିନିୟମ ପରେ ହେବାରେ ବିଭକ୍ତ କରିଛି । ସେ କହିଛନ୍ତି ଯେ, ତାହା *କ୍ଷମତାତୀତ* ଅଟେ, କାରଣ, ପ୍ରଥମତଃ, ଏହା ଅଧିନିୟମର ଧାରା

3 ଅନୁଯାୟୀ ସେ ଯେଉଁ ଶ୍ରେଣୀର ଅଟନ୍ତି, ସେଥିରେ ଏକ ପକ୍ଷପାତୀ ଶ୍ରେଣୀ ବିଭାଗ ପ୍ରବର୍ତ୍ତନ କରେ ଏବଂ, ଦ୍ୱିତୀୟତଃ, କାରଣ 1952 ର ଦ୍ୱିତୀୟ ସଂଶୋଧନକାରୀ ଅଧିନିୟମ ଦ୍ୱାରା ପ୍ରସ୍ତୁତ ନୂତନ ଉପବିଭାଗ ଦ୍ୱାରା ଯେଉଁ ନୂତନ ଶ୍ରେଣୀରେ ତାଙ୍କୁ ରଖା ଯାଇଛି, ସେଥିରେ ମଧ୍ୟ ଏହା ପକ୍ଷପାତିତା ସୃଷ୍ଟି କରିଥାଏ ।

ପ୍ରଥମ ପ୍ରସଙ୍ଗ ସମ୍ବନ୍ଧରେ, *ଶାମରାଓ ଭି. ପାରୁଲେକର ବନାମ ଜିଲ୍ଲା ମାଜିଷ୍ଟ୍ରେଟ୍, ଥାନା ଏବଂ ଅନ୍ୟମାନେ*[1] ମାମଲାର ନିଷ୍ପତ୍ତିର ଆଧାର ଏଠାରେ ପ୍ରଯୁଜ୍ୟ । ସେହି ମାମଲାରେ, ଅଟକକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା - ଯେଉଁଗୁଡ଼ିକୁ ପୂର୍ବରୁ ଏକ ପରାମର୍ଶଦାତା ବୋର୍ଡ଼ ଦ୍ୱାରା ବିଚାର କରାଯାଇଥିଲା ଏବଂ ଯେଉଁଗୁଡ଼ିକୁ ଏପରି ବିଚାର କରାଯାଇ ନଥିଲା । ଏହାକୁ ବଜାୟ ରଖାଯାଇଥିଲା । ଏଠାରେ ବିଭାଜନ ରେଖା ଭିନ୍ନ ଅଟେ, ଯଥା ଏକ ନିର୍ଦ୍ଦିଷ୍ଟ ତାରିଖ, କିନ୍ତୁ ନୀତି ସମାନ ଅଟେ ଏବଂ ଏହାର ଯୁକ୍ତିଯୁକ୍ତତା ସମୟ ସମୟରେ କରାଯାଇଥିବା ବିଭିନ୍ନ ସଂଶୋଧନ ଉପରେ କରାଯାଇଥିବା ବିଚାରରୁ ସୁସ୍ପଷ୍ଟ ହୋଇଥାଏ ।

ସଂଶୋଧନକାରୀ ଅଧିନିୟମ (1952 ମସିହାର ଅଧିନିୟମ XXXIV) ର ଧାରା 2 ଦ୍ୱାରା 1950 ର ଅଧିନିୟମର, ଯାହା ମୁଖ୍ୟ ଅଧିନିୟମ ଥିଲା, କାର୍ଯ୍ୟକାଳ 1952 ମସିହା ଅକ୍ଟୋବର 1 ତାରିଖ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥିଲା, ଏବଂ ଧାରା 3 ର ପ୍ରଭାବ 1952 ମସିହା ମାର୍ଚ୍ଚ 14 ତାରିଖରେ ବଳବତ୍ତର ଥିବା ସମସ୍ତ ଅଟକାଦେଶର ଅବଧିକୁ ମୂଳ ଅଧିନିୟମ ବଳବତ୍ତର ଥିବା ସମୟ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାର ଥିଲା (ଉଲ୍ଲେଖଥାଉକି ସେହି ଅଟକାଦେଶଗୁଡ଼ିକ ସେହି ତାରିଖ ପୂର୍ବରୁ ସୁନିଶ୍ଚିତ କରାଯାଇଥିଲା) । ସେହି ସମୟରେ ଏହାର ଅର୍ଥ ଥିଲା 1952 ମସିହା ଅକ୍ଟୋବର 1 ତାରିଖ ପର୍ଯ୍ୟନ୍ତ । କିନ୍ତୁ 1952 ମସିହାର ଦ୍ୱିତୀୟ ସଂଶୋଧନକାରୀ ଅଧିନିୟମ ମୁଖ୍ୟ ଅଧିନିୟମର କାର୍ଯ୍ୟକାଳକୁ 1954 ମସିହା ଡିସେମ୍ବର 31 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା । ତେଣୁ, ଧାରା 11-A ର ଅନୁପସ୍ଥିତିରେ ସେହି ସମସ୍ତ ଅଟକ ଅବଧିକୁ ସେହି ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥାନ୍ତା । କିନ୍ତୁ ଧାରା 11-A ଏହାକୁ ପରିବର୍ତ୍ତନ କରିଥିଲା ଏବଂ ଏହିସବୁ ପୁରୁଣା ଅଟକ ପାଇଁ 1953 ମସିହା ଏପ୍ରିଲ 1 ତାରିଖକୁ ସଦ୍ୟତମ ତାରିଖ ଭାବରେ ରଖିଲା । ତେଣୁ ଏହା ଏକ ସୁବିଧା ପ୍ରଦାନ କରିଥିଲା ଏବଂ ଏହାକୁ ଅଯୌକ୍ତିକ ବୋଲି ବିବେଚନା କରାଯାଇପାରିବ ନାହିଁ । ଧାରା 11-A ର ଉପଧାରା (3) ଦର୍ଶାଏ ଯେ ଏହାର ଉଦ୍ଦେଶ୍ୟ ତାହା ଥିଲା ।

[1] [1952] S.C.R. 683 at 691 and 693.

*1952*

*ଗୋଦାବରୀ ପାରୁଲେକର ବନାମ ବମ୍ବେ ରାଜ୍ୟ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ବୋଷ*

କିନ୍ତୁ ଆବେଦନକାରୀ ଏହି ବ୍ୟବସ୍ଥାଗୁଡ଼ିକୁ ପକ୍ଷପାତିତା ଆଧାରରେ ଆପତ୍ତି କରିଥିଲେ । ସେ କହିଥିଲେ ଯେ 1952 ମସିହା ସେପ୍ଟେମ୍ବର ମାସ 30 ତାରିଖ ପୂର୍ବରୁ ଏବଂ ପରେ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ନୂତନ ଶ୍ରେଣୀ ବିଭାଗକୁ ଭଲ ବୋଲି ବିବେଚନା କଲେ ମଧ୍ୟ, ଧାରା 11-A ତଥାପି ପକ୍ଷପାତୀ ଅଟେ କାରଣ ଏହା ତାଙ୍କ ଶ୍ରେଣୀରେ ଥିବା ଲୋକଙ୍କ ମଧ୍ୟରେ ପକ୍ଷପାତିତା କରେ, ଯଥା, ଯେଉଁମାନଙ୍କୁ ସେପ୍ଟେମ୍ବର ମାସ 30 ତାରିଖ ପୂର୍ବରୁ ଅଟକ ରଖାଯାଇଥିଲା ଏବଂ ଅଟକକୁ ନିଶ୍ଚିତ କରାଯାଇଥିଲା । ସେ ଏହାକୁ ଏହିପରି ଭାବେ ଉପସ୍ଥାପନ କରିଥିଲେ ।

ତାଙ୍କ ନିଜ ଅଟକକୁ ନେଇ ସେ ଦର୍ଶାଇଥିଲେ ଯେ, ଯଦି ଧାରା 11-A ଭଲ ହୋଇଥାଏ, ତେବେ ଏହା 1953 ମସିହା ଏପ୍ରିଲ 1 ତାରିଖ ପର୍ଯ୍ୟନ୍ତ ଜାରି ରହିବ, ଅର୍ଥାତ୍, ତାଙ୍କ ଅଟକ 1951 ମସିହା ଅକ୍ଟୋବର 16 ତାରିଖରୁ 1953 ମସିହା ଏପ୍ରିଲ 1 ତାରିଖ ପର୍ଯ୍ୟନ୍ତ 17 ଏବଂ ଅଧା ମାସର ଅବଧି ପାଇଁ ରହିବ । ଅନ୍ୟପକ୍ଷରେ, ତାଙ୍କ ପରେ ଅଟକ ରଖାଯାଇଥିବା ଜଣେ ବ୍ୟକ୍ତିଙ୍କୁ, ଉଦାହରଣ ସ୍ୱରୂପ, ସେପ୍ଟେମ୍ବର 1, 1952, ମଧ୍ୟ 1953 ମସିହା ଏପ୍ରିଲ 1 ତାରିଖରେ ମୁକ୍ତ କରିବାକୁ ପଡ଼ିଥାନ୍ତା, ଏବଂ ତେଣୁ ତାଙ୍କୁ ମାତ୍ର ଛଅ ମାସ ଅଟକ ରଖାଯାଇଥାନ୍ତା ।

ଆମ୍ଭ ମତରେ ଏହା ଅନୁଚ୍ଛେଦ 14 ର ଅର୍ଥ ମଧ୍ୟରେ ପକ୍ଷପାତିତା ନୁହେଁ । ଏକ ନିର୍ଦ୍ଦିଷ୍ଟ ଅବଧି ନିର୍ଦ୍ଦିଷ୍ଟ କରିବା ପାଇଁ ସର୍ବାଧିକ ଅବଧି ସ୍ଥିର କରାଯାଇପାରିବ, ଯେପରିକି ବାର ମାସ, କିମ୍ବା ଏକ ବାହ୍ୟ ସୀମା ସ୍ଥିର କରି ଏହା କରାଯାଇପାରିବ, ଏବଂ ଏପରି କ୍ଷେତ୍ରରେ ଏହା ଅନିବାର୍ଯ୍ୟ ଯେ ପ୍ରତ୍ୟେକ ବ୍ୟକ୍ତିଗତ ମାମଲାରେ ଅଟକାଦେଶର ଅବଧି ଭିନ୍ନ ହେବ । ପରବର୍ତ୍ତୀ ସମୟରେ ଯେଉଁମାନଙ୍କୁ ଅଟକ ରଖାଯିବ, ସେମାନଙ୍କୁ କମ୍ ସମୟ ପାଇଁ ଅଟକ ରଖାଯିବ । ସରକାର ସମସ୍ତଙ୍କୁ ସମାନ ସମୟ ପାଇଁ ଅଟକ ରଖିବାକୁ ବାଧ୍ୟ ନୁହଁନ୍ତି । ଏହା ପାଖରେ ଏକ ବିବେକାଧିକାର ରହିଛି । ଅଧିକନ୍ତୁ, ଉପଯୁକ୍ତ ସରକାରଙ୍କୁ କୌଣସି ପୂର୍ବ ସମୟରେ ଅଟକାଦେଶକୁ ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ କରିବାର କ୍ଷମତା ଦିଆଯାଇଛି । ଏହି ବିଷୟକୁ *ଶାମରାଓ ଭି. ପାରୁଲେକର ବନାମ ଜିଲ୍ଲା ମାଜିଷ୍ଟ୍ରେଟ୍, ଥାନା ଏବଂ ଅନ୍ୟମାନେ*([1]) ମାମଲାରେ ବିଚାର କରାଯାଇଥିଲା ଏବଂ ଅଟକ ବ୍ୟକ୍ତିଙ୍କ ବିରୋଧରେ ନିଷ୍ପତ୍ତି ନିଆଯାଇଥିଲା ।

ଅଟକ ରଖିବାର କାରଣ ଅସ୍ପଷ୍ଟ ବୋଲି ଯୁକ୍ତି ଦର୍ଶାଇ ଆବେଦନକାରୀ ଯୋଗ୍ୟତା ଆଧାରରେ ତାଙ୍କ ଆବେଦନକୁ ପୁନର୍ବାର ଖୋଲିବାକୁ ଚେଷ୍ଟା କରିଥିଲେ । ସେ *ଶାମରାଓ ଭି.*

[1] [1952] S.C.R. 683 at 691 and 693.

*1952*

*ଗୋଦାବରୀ ପାରୁଲେକର ବନାମ ବମ୍ବେ ରାଜ୍ୟ ଏବଂ ଅନ୍ୟମାନେ*

*ନ୍ୟାୟମୂର୍ତ୍ତି ବୋଷ*

*ପାରୁଲେକର ବନାମ ବମ୍ବେ ରାଜ୍ୟ*[1]) ମାମଲା ଉପରେ ନିର୍ଭର କରିଛନ୍ତି ଯେଉଁଠାରେ ଏହି ନ୍ୟାୟାଳୟଙ୍କ ଅନ୍ୟ ଏକ ବିଚାରପୀଠଙ୍କ ଦ୍ଵାରା ଅନ୍ୟ ଜଣେ ବନ୍ଦୀଙ୍କୁ ଯେଉଁ ପରିସ୍ଥିତିରେ ମୁକ୍ତ କରାଯାଇଥିଲା ତାହା, ତାଙ୍କ ଅନୁଯାୟୀ, ବହୁତ ସମାନ ଅଟେ । ଆମ୍ଭେ ଏହାକୁ ଅନୁମତି ଦେବାକୁ ଅସମର୍ଥ କାରଣ ତାଙ୍କର ଆବେଦନ ଯୋଗ୍ୟତା ଆଧାରରେ ପୂର୍ବରୁ ପ୍ରତ୍ୟାଖ୍ୟାନ ହୋଇସାରିଛି । ତାଙ୍କୁ କେବଳ ସାମ୍ବିଧାନିକ ପ୍ରସଙ୍ଗରେ ହାଜର ହେବାକୁ ଅନୁମତି ଦିଆଯାଇଥିଲା । ଆମ୍ଭେ ବୁଝୁଛୁ ଯେ ଅନ୍ୟ ଆବେଦନରେ ଏହି ତଥ୍ୟ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇ ନଥିଲା ।

ଆବେଦନକୁ ଖାରଜ କରିଦିଆଯାଇଛି ।

ଆବେଦନ ଖାରଜ ହୋଇଛି ।

ଉତ୍ତରଦାତାମାନଙ୍କ ପାଇଁ ପ୍ରତିନିଧି: ଜି. ଏଚ୍. ରାଜାଧ୍ୟକ୍ଷ ।

**ଅସ୍ଵୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ଵର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।

[1] Petition No. 86 of 1952